ଓଡିଶା ସରକାର

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

## NFSA 2013 ଅଧୀନରେ ପରିବାରଙ୍କ ପ୍ରାପ୍ତି ସ୍ୱୀକାରପତ୍ର ସମ୍ପର୍କରେ ସୂଚନା

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, (NFSA) 2013 ଅଧୀନରେ ନୂଆ ରେସନକାର୍ଡ ପାଇଁ ଆବେଦନ କରିଥିବା ଅନେକ ପରିବାରଙ୍କ ପ୍ରାପ୍ତି ସ୍ୱୀକାରପତ୍ର ପଞ୍ଜିକରଣ କେନ୍ଦ୍ରରେ ଏଯାବତ୍ ପଡିରହିଥିବା ଲକ୍ଷ୍ୟ କରାଯାଉଛି । ଯେଉଁ ଯୋଗ୍ୟ ପରିବାର ମାନେ ପ୍ରାପ୍ତି ସ୍ୱୀକାରପତ୍ର ଏଯାଏଁ ସଂଗ୍ରହ କରିନାହାନ୍ତି, ସେମାନେ ଆଗାମୀ ତା **20 ଜୁନ୍, 2015** ସୁଦ୍ଧା ପଞ୍ଜିକରଣ କେନ୍ଦ୍ରକୁ ଯାଇ ତାହା ସଂଗ୍ରହ କରିନେବାକୁ ଅନୁରୋଧ । ଏହାପରେ ପଞ୍ଜିକରଣ କେନ୍ଦ୍ରରୁ ସମସ୍ତ ପ୍ରାପ୍ତି ସ୍ୱୀକାରପତ୍ର ଫେରାଇ ନିଆଯିବ ଏବଂ ପଡିରହିଥିବା ବାକି ପ୍ରାପ୍ତି ସ୍ୱୀକାରପତ୍ର ଗୁଡିକୁ ନାକଚ କରିଦିଆଯିବ ।

ପ୍ରାପ୍ତି ସ୍ୱୀକାର ପତ୍ର (Acknowledgement Slip) ରେ କୌଣସି ତ୍ରୁଟି ଥିଲେ ତାହା ସଂଶୋଧନ କରି ପଞ୍ଜିକରଣ କେନ୍ଦ୍ରରେ ତା 20 ଜୁନ୍, 2015 ମଧ୍ୟରେ ଦାଖଲ କରିବାକୁ ଅନୁରୋଧ । ଆବେଦନକାରୀଙ୍କ ଦ୍ୱାରା ହୋଇଥିବା ସଂଶୋଧିତ ପ୍ରାପ୍ତି ସ୍ୱୀକାରପତ୍ରକୁ କମ୍ପ୍ୟୁଟର ତଥ୍ୟାବଳୀରେ ସାମିଲ କରାଯାଇ, ନୂତନ ପ୍ରାପ୍ତି ସ୍ୱୀକାର ପତ୍ର ତା 30 ଜୁନ୍, 2015 ମଧ୍ୟରେ ପଞ୍ଜିକରଣ କେନ୍ଦ୍ରରେ ପୁନଃ ପ୍ରଦାନ କରାଯିବ ।

ଯୁଗ୍ମ ଶାସନ ସଚିବ